# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**15 July – 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ମାତୃଭାଷାରେ ଶିକ୍ଷାଦାନ ଉପରେ ରାଷ୍ଟ୍ରପତିଙ୍କ ଗୁରୁତ୍ୱାରୋପ

— ସାରଳା ସାହିତ୍ୟ ସଂସଦ ଉତ୍ସବରେ କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଳିଙ୍ଗ ରତ୍ନ ସମ୍ମାନ

- ୧୮ ଦିନର ମହାକାଶ ଅଭିଯାନ ଶେଷ କରି ୩ ସହଯୋଗୀଙ୍କ ସହ ପୃଥିବୀକୁ ସୁରକ୍ଷିତ ଫେରିଲେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଳା

- ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ୪ ଜଣିଆ କମିଟି ଗଠନ କଲା ୟୁଜିସି

ଏବଂ

- ଲଘୁଚାପ ପ୍ରଭାବରେ ଆସନ୍ତା ୧୯ ତାରିଖ ଯାଏଁ ରାଜ୍ୟର ୧୧ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା; ସତର୍କ ସୂଚନା ଜାରି କଲା ଆଞ୍ଚଳିକ ପାଣିପାଗ କେନ୍ଦ୍ର

# ରାଷ୍ଟ୍ରପତି-ରେଭେନ୍ସା

ଆଦିକବି ସାରଳା ଦାସଙ୍କ ରଚିତ ଓଡ଼ିଆ ମହାଭାରତ ଭାରତୀୟ ଭାଷା ସାହିତ୍ୟ ପାଇଁ ଏକ ଅନବଦ୍ୟ ସୃଷ୍ଟି। ସଂସ୍କୃତ ଭାଷାରେ ଲିଖିତ ମହାଭାରତ ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦ ହୋଇଥିଲେ ହେଁ ସାରଳା ଦାସଙ୍କ ମହାଭାରତ ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ଆଦିକବି ସାରଳା ଦାସଙ୍କ ୬୦୦ତମ ଜୟନ୍ତୀ ଅବସରରେ କଟକ ସାରଳା ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରପତି ଏହା କହିଛନ୍ତି।

**- V/O -**

ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କଳିଙ୍ଗରତ୍ନ ସମ୍ମାନ ପ୍ରଦାନ କରିଛନ୍ତି।

ଛାତ୍ରଛାତ୍ରୀମାନେ ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କୁ ଚାକିରି ଦେଇ ରୋଜଗାରକ୍ଷମ କରିବା ଦିଗରେ ପ୍ରୟାସ କରିବା ଆବଶ୍ୟକ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ଆଜି ପୂର୍ବାହ୍ଣରେ  କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ତ୍ରୟୋଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି, ଉଦ୍ୟୋଗୀ ଲୋକଙ୍କ ପାଖରେ ସଫଳତା ଆସିଥାଏ।

ରାଷ୍ଟ୍ରପତି କହିଛନ୍ତି, ଆଜି ନୂତନ ପ୍ରଯୁକ୍ତିବିଦ୍ୟା ଯୁଗରେ କୃତ୍ରିମ ବୁଦ୍ଧିମତ୍ତା, ମସିନ୍ ଲର୍ଣ୍ଣିଂ ଆଦି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏହା ଚିନ୍ତା, ଚେତନା ଓ କାର୍ଯ୍ୟଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିଛି। ତେବେ ନୂତନ ଜ୍ଞାନ କୌଶଳର ସଦ୍ବ୍ୟବହାର ହେବା ମଧ୍ୟ ଜରୁରୀ ହୋଇପଡିଛି ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି।

ରାଷ୍ଟ୍ରପତି କହିଛନ୍ତି, ୨୦୪୭ ମସିହା ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ଅଗ୍ରସର ହେଉଛି। ଏଥିରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।  ଭାରତକୁ ବିଶ୍ୱଗୁରୁ ହେବା ପାଇଁ କେବଳ ଯେ ଭିତ୍ତିଭୂମି, ବିଜ୍ଞାନ, ଅର୍ଥନୀତି, କଳାସଂସ୍କୃତି ଆଦିର ବିକାଶ ହେବା ଆବଶ୍ୟକ' ତାହା ନୁହେଁ, ବରଂ ମାନବ ସମ୍ବଳର ବିକାଶ ଅର୍ଥାତ୍ ଅନ୍ତର୍ନିହିତ ସମ୍ବଳର ବିକାଶ ହେବା ମଧ୍ୟ ଜରୁରୀ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି.।

ସମାବର୍ତ୍ତନ ଉତ୍ସବରେ ୪ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିବାବେଳେ ୩୨୯ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଏହାପରେ ରାଷ୍ଟ୍ରପତି ରେଭେନ୍ସା ବାଳିକା ଉଚ୍ଚବିଦ୍ୟାଳୟର ୩ଟି ଅଟ୍ଟାଳିକାର ପୁନର୍ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।

# ଆକ୍ସିଓମ୍ ଲ୍ୟାଣ୍ଡିଂ

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ୧୮ ଦିନର ଐତିହାସିକ ଅଭିଯାନ ପରେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲାଙ୍କ ସମେତ ଅନ୍ୟ ତିନି ଜଣ କ୍ରୁ ସଦସ୍ୟ ସୁରକ୍ଷିତ ଭାବେ ଆଜି ପୃଥିବୀକୁ ଫେରି ଆସିଛନ୍ତି। ସ୍ପେଶ୍ ଏକ୍ସ ଡ୍ରାଗନ୍ ମହାକାଶଯାନ ଆଜି ଅପରାହ୍ନରେ କାଲିଫର୍ଣ୍ଣିଆର ସାନ୍‌ଡିଏଗୋ ଉପକୂଳରେ ଅବତରଣ କରିଥିଲା। ଡ୍ରାଗନ୍ କ୍ୟାପସୁଲ୍ ଭିତରୁ ମହାକାଶଚାରୀମାନଙ୍କୁ ପର୍ଯ୍ୟାୟ କ୍ରମେ ବାହାରକୁ ଅଣାଯାଇଥିଲା। ମହାକାଶରୁ ଫେରିଥିବା ୪ ଜଣ କ୍ରୁ-ସଦସ୍ୟଙ୍କୁ ୭ ଦିନିଆ ସଂଗରୋଧରେ ରଖାଯିବ।

ଆକ୍ସିଓମ-୪ ମିଶନର ମହାକାଶଯାତ୍ରା ଗତ ମାସ ୨୫ ତାରିଖରେ ଆରମ୍ଭ ହୋଇଥିଲା। ଫାଲକାନ୍-୯ ରକେଟ୍ ଡ୍ରାଗନ୍ ସ୍ପେଶ କ୍ୟାପସୁଲକୁ ବହନ କରି ଫ୍ଲୋରିଡାରୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ଅଭିମୁଖେ ଉଡ଼ାଣ କରିଥିଲା। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ପରିଦର୍ଶନ କରିବାରେ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା ପ୍ରଥମ ଭାରତୀୟ। ମହାକାଶକେନ୍ଦ୍ରରେ ରହଣି ସମୟରେ ଶ୍ରୀ ଶୁକ୍ଲା' ଭାରତୀୟ ମହାକାଶ ଗବେଷଣା ସଂଗଠନ –ଇସ୍ରୋ

ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ଭାରତୀୟ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ବିକଶିତ ପରୀକ୍ଷଣର ସଫଳତାର ସହ ସଂଚାଳନ କରିଥିଲେ।

ମହାକାଶର ସୂକ୍ଷ୍ମ ଗୁରୁତ୍ୱାକର୍ଷଣ ସ୍ଥିତିରେ ୭ଟି ପରୀକ୍ଷଣ କରାଯାଇଥିଲା। ଏହି ପରୀକ୍ଷଣଗୁଡ଼ିକ ଭବିଷ୍ୟତର ଗ୍ରହ ମିଶନ ଏବଂ ଦୀର୍ଘକାଳୀନ ମହାକାଶ ଅବସ୍ଥାନ ପାଇଁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ନାସାର ଅଭିଯାତ୍ରୀ ଦଳ ଆକ୍ସିଓମ୍-୪ ପାଇଁ ଏକ ପାରମ୍ପରିକ ବିଦାୟୀ ଉତ୍ସବ ଆୟୋଜନ କରିଥିଲେ। ବିଦାୟୀ ସମାରୋହରେ ଶୁକ୍ଲା ତାଙ୍କର ମହାକାଶଯାତ୍ରାକୁ ପ୍ରକୃତରେ ଅବିଶ୍ୱସନୀୟ ବୋଲି ବର୍ଣ୍ଣନା କରିଥିଲେ।

ପୃଥିବୀକୁ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ କରିଥିବା ଶୁଭାଂଶୁ ଶୁକ୍ଲାଙ୍କୁ **ରାଷ୍ଟ୍ରପତି ଦ**୍ରୌପଦୀ ମୁର୍ମୁ  ସ୍ୱାଗତ କରିଛନ୍ତି। ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରକୁ ଆକ୍ସିଓମ-୪ ମିଶନ ପାଇଲଟ ଭାବେ କ୍ୟାପଟେନ୍ ଶୁକ୍ଲାଙ୍କ ଭୂମିକା ଭାରତର ମହାକାଶ ଅନୁସନ୍ଧାନ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ଅନ୍ତର୍ଜାତୀୟ ସହଯୋଗ ପାଇଁ ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିଛି ବୋଲି ରାଷ୍ଟ୍ରପତି କହିଛନ୍ତି।

**ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ  ଶୁଭାଂଶୁ ଶୁକ୍ଲାଙ୍କ ସଫଳ ମହାକାଶ ଅଭିଯାନକୁ ପ୍ରଶଂସା କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି,  ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ପରିଦର୍ଶନ କରିଥିବା ଭାରତର ପ୍ରଥମ ମହାକାଶଚାରୀଭାବେ ସେ ତାଙ୍କର ସମର୍ପଣ, ସାହସ ଏବଂ ଅଗ୍ରଣୀ ମନୋଭାବ ମାଧ୍ୟମରେ କୋଟି କୋଟି ସ୍ୱପ୍ନକୁ ପ୍ରେରଣା ଦେଇଛନ୍ତି।

## ଛାତ୍ରୀମୃତ୍ୟୁ ସହାୟତାରାଶି

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ଜଡିତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏଥିସହ ମୃତ ଛାତ୍ରୀଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି। ଅନ୍ୟପକ୍ଷରେ, ଛାତ୍ରୀ ଆତ୍ମାହୁତି ଘଟଣାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ କମିଶନ-ୟୁଜିସି ୪ ଜଣିଆ କମିଟି ଗଠନ କରିଛି।

ଗତକାଲି ଭୁବନେଶ୍ୱର ଏମ୍‌ସ୍‌ରେ ଚିକିତ୍ସାଧୀନ ଛାତ୍ରୀଙ୍କ ମୃତଦେହକୁ ଶବ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ଆଜି ଭୋଗରାଇ ବ୍ଲକ୍ ପଳାସିଆ ଗ୍ରାମରେ ଛାତ୍ରୀଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

## ଫସଲମଣ୍ଡି ଉଦ୍‌ଘାଟିତ

ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉଦ୍ୟମରେ **ବଲାଙ୍ଗିର** ଜିଲ୍ଲାରେ ଚାଷୀଙ୍କ ସୁବିଧା ପାଇଁ ଚଳିତବର୍ଷ ପ୍ରଥମ ଡାଲି ଓ ତୈଳବୀଜ ଜାତୀୟ ଫସଲମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସଦର ବ୍ଲକ୍ ଅନ୍ତର୍ଗତ ଚନ୍ଦନଭାଟି ପ୍ରାଥମିକ କୃଷି ସମବାୟ କେନ୍ଦ୍ରରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର କୁମାର ବେହେରା ମଣ୍ଡି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ ଚାଷୀମାନେ

ଯୋଗ ଦେଇଥିଲେ। ଜିଲ୍ଲାର ୨୯ଟି ପ୍ୟାକ୍ସରେ ବିଭିନ୍ନ ପ୍ରକାର ଡାଲି ଜାତୀୟ ଶସ୍ୟ ବିକ୍ରୀ ପାଇଁ ଚାଷୀମାନେ ପଞ୍ଜୀକୃତ ହୋଇଛନ୍ତି।

## ମାନପତ୍ର ପ୍ରଦାନ

**ନୟାଗଡ଼** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ରକ୍ତଭଣ୍ଡାରର ୪୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ଚିକିତ୍ସାଳୟ ସଭାଗୃହରେ ଡାକ୍ତର ପୀତବାସ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ ବିଭାଗୀୟ ଡାକ୍ତର, ସମାଜସେବୀମାନେ ଯୋଗଦେଇ ରକ୍ତର ଜରୁରୀ ଆବଶ୍ୟକତା ଉପରେ ବକ୍ତବ୍ୟ ରଖି ଆଗାମୀ ଦିନରେ ରକ୍ତ ଭଣ୍ଡାରରେ ଅଧିକ ପରିମାଣର ରକ୍ତ ମହଜୁଦ ରଖାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଚଳିତବର୍ଷ ରକ୍ତ ଭଣ୍ଡାରକୁ ଅଧିକ ୟୁନିଟ୍ ରକ୍ତ ଯୋଗାଇଥିବା ସଂସ୍ଥା, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସ୍ୱେଚ୍ଛାକକୃତ ରକ୍ତଦାତାଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ବୌଦ୍ଧ** ଜିଲ୍ଲାରେ ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନଙ୍କ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପାଞ୍ଚଦିନ ଧରି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିଥିଲା। ଏଥିରେ କନ୍ଧମାଳ ଓ ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀର ବୁଥ୍‌ସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନେ ତାଲିମ୍ ନେଇଥିଲେ।

## ଶିଶୁ ସର୍ଭେ କର୍ମଶାଳା

**ନୟାଗଡ଼** ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ମାତୃପିତୃହୀନ ଶିଶୁଙ୍କ ସର୍ବେକ୍ଷଣ ପାଇଁ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଆୟୋଜିତ କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ମାର୍ଗଦର୍ଶିକା ଅନୁଯାୟୀ ଅଙ୍ଗନୱାଡ଼ି କର୍ମୀମାନେ ଘରକୁ ଘର ବୁଲି ପିତୃମାତୃହୀନ ଏବଂ ଏକକ ଅଭିଭାବକ ଥିବା ଶିଶୁଙ୍କୁ ଚିହ୍ନଟ କରିବା ପାଇଁ ପରାମର୍ଶ ଦିଆଯାଇଥିଲା।

## ଯୋଗାସନ ପ୍ରତିଯୋଗିତା

ଓଡ଼ିଶା ଯୋଗ ଆସୋସିଏସନ୍ ଆନୁକୂଲ୍ୟରେ କଟକସ୍ଥିତ କଳିଙ୍ଗ ଜିମ୍ନାସିୟମ୍‌ରେ ଆୟୋଜିତ ୩୧ତମ ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ **କେନ୍ଦ୍ରାପଡ଼ା** ଜିଲ୍ଲାର ଛାତ୍ରଛାତ୍ରୀ ସଫଳତା ଅର୍ଜନ କରିଛନ୍ତି। ଗତ ୧୨ ଏବଂ ୧୩ ତାରିଖରେ ଅନୁଷ୍ଠିତ ପ୍ରତିଯୋଗିତାରେ ଜିଲ୍ଲାରୁ ୨୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଜିଲ୍ଲାପାଳ ସ୍ମୃତିରଂଜନ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି।

## ଦିବ୍ୟାଙ୍ଗ ଶିବିର

**ନୂଆପଡ଼ା** ଜିଲ୍ଲା ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିଥିବା ଅସ୍ଥିଶଲ୍ୟ, ଚକ୍ଷୁ, ଶ୍ରବଣବାଧିତ, ବାକ୍‌ଶକ୍ତି ବାଧିତ ଏବଂ ଦୃଷ୍ଟିହୀନ ଦିବ୍ୟାଙ୍ଗମାନଙ୍କୁ ବିଭାଗୀୟ ବିଶେଷଜ୍ଞ ଡାକ୍ତରମାନେ ପରୀକ୍ଷା କରି ପ୍ରମାଣପତ୍ର ପ୍ରଦାନ

କରିଥିଲେ। ଖଡିଆଳ ଉପଖଣ୍ଡସ୍ତରୀୟ ଶିବିର ପ୍ରତ୍ୟେକ ମାସର ତୃତୀୟ ମଙ୍ଗଳବାରରେ ଅନୁଷ୍ଠିତ ହେଉଛି।

### ସାହାଣୀ କପ୍

ରାଜ୍ୟ କ୍ରୀଡା ଏବଂ ଯୁବସେବା, ଓଡ଼ିଶା ଫୁଟବଲ୍ ସଂଘ ଏବଂ କେନ୍ଦ୍ରାପଡା ଜିଲ୍ଲା ଆଥ୍ଲେଟିକ୍ ସଂଘର ମିଳିତ ଆନୁକୂଲ୍ୟରେ **କେନ୍ଦ୍ରାପଡା** ଜିଲ୍ଲା ରାଜକନିକାଠାରେ ଆସନ୍ତାକାଲିଠାରୁ ରାଜ୍ୟସ୍ତରୀୟ ସାହାଣୀକପ୍ ଅନୁଷ୍ଠିତ ହେବ। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ବରିଷ୍ଠ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିବେ। ଗ୍ରୁପ୍-ଏ'ରେ କଟକ, ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ, ଖୋର୍ଦ୍ଧା ଏବଂ ପୁରୀ ଦଳ ଥିବାବେଳେ ଗ୍ରୁପ୍-ବି'ରେ କେନ୍ଦ୍ରାପଡା, ଭଦ୍ରକ, ଝାରସୁଗୁଡ଼ା ଏବଂ ଜଗତ୍‌ସିଂହପୁର ଦଳ ଅଛନ୍ତି। ପ୍ରତ୍ୟେକ ଦିନ ସକାଳ ୮ଟା ଏବଂ ଅପରାହ୍ନ ସାଢ଼େ ୩ଟାରେ ମ୍ୟାଚଗୁଡ଼ିକ ଖେଳାଯିବ।

## ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହେବା ପରେ ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଝାଡଖଣ୍ଡ ଏବଂ ଦକ୍ଷିଣ ବିହାର ଆଡକୁ ଗତି କରିବାର ସମ୍ଭାବନା ରହିଛି। ପ୍ରଭାବରେ ରାଜ୍ୟରେ ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ।

ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିଭଳି ୧୧ଟି ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଥିବାରୁ ସତର୍କ ସୂଚନା ଜାରି କରାଯାଇଛି।

*******************************
**